## ଆଜି କ'ଣ କେଉଁଠି

### ଢେଙ୍କାନାଳ

- ଜନ ଶୁଣାଣି ଶିବିର
ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ
ସ୍ଥାନ: ଜିଲା କାର୍ଯ୍ୟାଳୟ ପରିସର
ସମୟ: ପୂର୍ବାହ୍ନ ସାଢ଼େ ୮ଟା।

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୨ ଗୁରୁତର

**କାମାକ୍ଷାନଗର, ୩।୨(ଡି.ଏନ୍.ଏ.):** କଙ୍କଡ଼ାହାଡ଼ ଥାନା କଣ୍ଟାପାଳ ୪ନଂ. କଲୋନୀ ନିକଟରେ ରବିବାର ସନ୍ଧ୍ୟାରେ ଦୁଇ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କର୍ଡନପୁର ଗ୍ରାମର କିରାନି ସିଂ (୫୫) ଏବଂ ଗତରେଇ ଗ୍ରାମର ସୁମନ୍ତ ସିଂ ଗୁରୁତର ହୋଇଛନ୍ତି। ସୁମନ୍ତ ମଠକରଗୋଳ ପଞ୍ଚାୟତର ଗ୍ରାମସେବକ ଅଛନ୍ତି। କିରାନି ଏବଂ ତାଙ୍କ ପୁଅ ବିଜୟ (୨୫) କଙ୍କଡାହାଡ଼ ଅଭିମୁଖେ ଆସୁଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ସୁମନ୍ତଙ୍କ ସହ ଧକ୍କା ହୋଇଥିଲା। ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସାପରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି।

### ଶକ୍ତିସୁଗାର ଏମ୍ପ୍ଲଇଜ୍ ୟୁନିୟନର ନୂତନ କର୍ମକର୍ତ୍ତା

**ଢେଙ୍କାନାଳ ଅଫିସ, ୩।୨-** ଢେଙ୍କାନାଳ ଶକ୍ତିସୁଗାର ଏମ୍ପ୍ଲଇଜ୍ ୟୁନିୟନର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବସନ୍ତ କୁମାର ବେହେରା, ଉପସଭାପତି ପବିତ୍ର ମୋହନ ପୃଷ୍ଟି, ସମ୍ପାଦକ ପ୍ରକାଶ ସାହୁ, ସହସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର, ନଟବର ସାହୁ, କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ଦାସ ନିର୍ବାଚିତ ହୋଇଛନ୍ତି। ମହେଶ୍ୱର ନାୟକ, ନକୁଳ ନାୟକ, ଫକୀର ବେହେରା, ସର୍ବେଶ୍ୱର ଘଡ଼େଇ, ଅକ୍ଷୟ ବାରିକ, ପ୍ରମୋଦ ତ୍ରିପାଠୀ କାର୍ଯ୍ୟକାରିଣୀ କମିଟିରେ ସ୍ଥାନ ପାଇଛନ୍ତି । ସେହିପରି ବରିଷ୍ଠ ଶ୍ରମିକ ନେତା ମହେଶ୍ୱର ପାଣି ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ବସନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ପ୍ରକାଶ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ।

### ସେମିରେ ଅରାହାଟ, ଗଡ଼ସନ୍ତ୍ରୀ

**ଓଡ଼ାପଡ଼ା, ୩।୨(ଡି.ଏନ.ଏ.):** ଓଡ଼ାପଡ଼ା ବ୍ଲକ କୁରୁଣ୍ଟି ଗ୍ରାମ ନିକଟ ସୁଧାକର ସାମନ୍ତସିଂହାର ପଡ଼ିଆରେ ଚାଲିଥିବା ଡମ୍ବରୁଧର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଖେଳାଯାଇଥିବା ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଅରାହାଟ, ଗଡ଼ସନ୍ତ୍ରୀ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୩ୟ କ୍ୱାର୍ଟର ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଅରାହାଟ ନିର୍ଦ୍ଧାରିତ ୧୫ ଓଭରରେ ୩ ଉଇକେଟ ହରାଇ ୧୭୪ ରନ୍ କରିଥିଲା। ଜବାବରେ ନୂଆହତା ୮ ଓଭରରେ ମାତ୍ର ୭୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳର ସୁବ୍ରତ ସାମଲ ୭୭ ରନ୍ କରି 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ୪ର୍ଥ କ୍ୱାର୍ଟର ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଗଡ଼ସନ୍ତ୍ରୀ ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୬୬ରନ୍ କରିଥିଲା। ଜବାବରେ ତାଳବାହାଳ ୧୦.୪ ଓଭରରେ ୭୬ ରନ କରି ଅଲଆଉଟ୍ ହୋଇଯାଇଥିଲା। ୫୨ ରନ୍ କରିଥିବା ବିଜୟୀ ଦଳର ପ୍ରଫୁଲ୍ଲ ମାଝି 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଘୋଷିତ ହୋଇଥିଲେ। ରାଜୀବଲୋଚନ ରାଉତ, ନିରାକାର ସାମଲ, ବରୁଣ ନାୟକ, ସୀତାକାନ୍ତ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ।

### ଅନୁଦାନପ୍ରାପ୍ତ ଅଧ୍ୟାପକ କର୍ମଚାରୀଙ୍କ ବୈଠକ

**ଢେଙ୍କାନାଳ ଅଫିସ, ୩।୨** ଢେଙ୍କାନାଳ ଯାଉଁଳିପୋଖରୀ ମଠରେ ରବିବାର ୨୦୧୭ ଅନୁଦାନପ୍ରାପ୍ତ ଅଧ୍ୟାପକ କର୍ମଚାରୀଙ୍କ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ଅଧ୍ୟାପକ ରବୀନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଉଚ୍ଚଶିକ୍ଷା ପ୍ରମୁଖ ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜାନୁୟାରୀ ୨୧ରେ ହୋଇଥିବା ୧୪୮% ମହଙ୍ଗାଭତ୍ତା ନିଷ୍ପତ୍ତିକୁ ସ୍ୱାଗତ କରାଯାଇଥିଲା। ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ପୂର୍ବ ଅନୁଦାନ ଆଇନ ଅନୁଯାୟୀ ୭ମ ବେତନ କମିଶନ ଲାଗୁ କରାଯାଇଛି। ୨୦୧୭ ବର୍ଗ ଅଧ୍ୟାପକମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଆଲୋଚନା କରାଯାଇଛି। ବୈଠକରେ ଢେଙ୍କାନାଳ, କଟକ, ଯାଜପୁର, ଜଗତ୍‌ସିଂହପୁର ଜିଲାର ବିଭିନ୍ନ କଲେଜରୁ ବହୁ ଅଧ୍ୟାପକ ଯୋଗଦେଇଥିଲେ।

## ସନ୍ଧ୍ୟାତାରାର ୪୦ତମ ସାରସ୍ୱତ ସମାରୋହ

# କଳ୍ପନାରୁ ବାହାରି ବାସ୍ତବଧର୍ମୀ ହେବାକୁ ପଡ଼ିବ

**ଢେଙ୍କାନାଳ ଅଫିସ, ୩।୨**



ସନ୍ଧ୍ୟାତାରାର ୪୦ତମ ସାରସ୍ୱତ ସମାରୋହରେ ଅତିଥିମାନେ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି।

କଳ୍ପନା ବିନା ବାସ୍ତବତା ଆସେନି। କଳ୍ପନା ହିଁ ସମସ୍ୟା ସମାଧାନ କରିବାକୁ ଖୋରାକ ଯୋଗାଏ। କଳ୍ପନା ନ ଥିଲେ ବିକାଶ ଅସମ୍ଭବ। କଳ୍ପନା ଓ ବାସ୍ତବତା ଓତପ୍ରୋତ ଭାବେ ଜଡ଼ିତ। ଉଭୟେ ଏକାଠି ହେଲେ ଶାନ୍ତି ପ୍ରତିଷ୍ଠା ହୋଇପାରିବ। ହେଲେ କଳ୍ପନା ସବୁବେଳେ ସତ୍ୟ ଉପରେ ଆଧାରିତ ହେବା ଆବଶ୍ୟକ। ଆଜିକାଲି ସତଠାରୁ ମିଛର ବେଗ ଅଧିକ। ଆମେ ସମସ୍ତେ କଳ୍ପନାରେ ବ୍ୟସ୍ତ ରହୁଛେ। କଳ୍ପନାରୁ ବାହାରି ସମସ୍ତଙ୍କୁ ବାସ୍ତବଧର୍ମୀ ହେବାକୁ ପଡ଼ିବ। ଅନ୍ୟକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା ନ କରି ଆତ୍ମ ନିୟନ୍ତ୍ରଣ କରିବା ଦରକାର। ଏପରି ବୌଦ୍ଧିକ ବାଣୀ ଶୁଣିବାକୁ ମିଳିଥିଲା ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲରେ। ଅବସର ଥିଲା ସାହିତ୍ୟିକ ଅନୁଷ୍ଠାନ 'ସନ୍ଧ୍ୟାତାରା'ର ୪୦ତମ ସାରସ୍ୱତ ସମାରୋହ।

ପ୍ରଥମ ଅଧିବେଶନରେ 'ବାସ୍ତବତା ନୁହେଁ, କଳ୍ପନାର ଦୁନିଆରେ ଆମେ ବ୍ୟସ୍ତ' ଶୀର୍ଷକ ବୌଦ୍ଧିକ ବିତର୍କରେ ଅତିଥିଭାବେ ଛତିଶଗଡ଼ ନାବାର୍ଡ ମୁଖ୍ୟ ମହାପ୍ରବନ୍ଧକ ନୃସିଂହ ପ୍ରସାଦ ମହାପାତ୍ର, ପୂର୍ବତଟ ରେଲୱେ ମୁଖ୍ୟ ସତର୍କତା ଅଧିକାରୀ ହେମନ୍ତ ପ୍ରସାଦ ଦତ୍ତ, ବରିଷ୍ଠ ଆଇନଜୀବୀ କଳ୍ପତରୁ ତ୍ରିପାଠୀ, ବରିଷ୍ଠ ଅର୍ଥନୀତିଜ୍ଞ ଡ. ରମଣ ଅଗ୍ରୱାଲ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇଥିଲେ। ରାଜ୍ୟ ଅପରାଧ ଓ ରେକର୍ଡ ବ୍ୟୁରୋ ନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମଧ୍ୟାହ୍ନରେ କବି ନୃସିଂହ ପ୍ରସାଦ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଡ. ଦେବାଶିଷ ପାଣିଗ୍ରାହୀ, ସମ୍ମାନିତ ଅତିଥି ନବଲିପି ସମ୍ପାଦକ ଦେବବ୍ରତ ମଦନରାୟ, ମୁଖ୍ୟବକ୍ତା ଭାବେ କବି ସୂର୍ଯ୍ୟ ମିଶ୍ର, ନିରଦାନନ୍ଦ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ସଦସ୍ୟ ଶରତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଜଗମୋହନ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକଙ୍କୁ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଗଣେଶ ମିଶ୍ର ଏବଂ ଅନୁଷ୍ଠାନର ସଦସ୍ୟଙ୍କ ଦ୍ୱାରା ସଙ୍ଗୀତ ମୂର୍ଚ୍ଛନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଅପରାହ୍ନରେ ଜଗମୋହନ ମହାପାତ୍ର, ନିବେଦିତା ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ।

ସୁଜିତ ମୁଦୁଲି, ବିଭୂତି ଭୂଷଣ ବେହେରା, ଭବାନୀ ନନ୍ଦ, ମନମୋହନ ଶତପଥୀ, ଭ୍ରମରବର ହୋତା ପମୁଖ ପରିଚାଳନାରେ ସହାୟତା କରିଥିଲେ।

### ତର୍କରେ ଅମରେଶ, ଚିତ୍ରାଙ୍କନରେ ଆଦିତ୍ୟପ୍ରକାଶ ଶ୍ରେଷ୍ଠ

'ସନ୍ଧ୍ୟାତାରା' ସାରସ୍ୱତ ସମାରୋହ ଅବସରରେ ଆୟୋଜିତ ଦେବେନ୍ଦ୍ର ଶତପଥୀ ଓଡ଼ିଆ ତର୍କ ପ୍ରତିଯୋଗିତାରେ ଅମରେଶ ମହାପାତ୍ର ପ୍ରଥମ, ଦୀପଶିଖା ପ୍ରିୟଦର୍ଶିନୀ ଦ୍ୱିତୀୟ ଏବଂ ଅନୁପମ ନାୟକ ତୃତୀୟ ହୋଇଛନ୍ତି। ସେହିପରି ଅଦ୍ୱୈତ ଚରଣ ଦାସ ସ୍ମାରକୀ ସଙ୍ଗୀତ ପ୍ରତିଯୋଗିତାରେ ଜୟଶ୍ରୀ ପ୍ରିୟଦର୍ଶିନୀ ପ୍ରଥମ, ପାୟଲ ମହାନ୍ତି ଦ୍ୱିତୀୟ, ସୌମ୍ୟାଶ୍ରୀ ମହାନ୍ତି ତୃତୀୟ ହୋଇଥିଲେ। କୃଷ୍ଣଚନ୍ଦ୍ର ମିଶ୍ର ସ୍ମାରକୀ ସଂସ୍କୃତ ଶ୍ଳୋକ ଆବୃତ୍ତିରେ ଅମରେଶ ମହାପାତ୍ର ପ୍ରଥମ, ପାୟଲ ମହାନ୍ତି ଦ୍ୱିତୀୟ ଓ ପ୍ରିୟଦର୍ଶିନୀ ହୋତା ତୃତୀୟ ହୋଇଥିଲେ। ଅନସୂୟା ଦାସ ସ୍ମାରକୀ ଚିତ୍ରାଙ୍କନରେ ଆଦିତ୍ୟ ପ୍ରକାଶ ମହାରଣା ପ୍ରଥମ, ଅନନ୍ୟାଅନ୍ୱେଷା ମିଶ୍ର ଦ୍ୱିତୀୟ, ସୌମ୍ୟା ପ୍ରିୟଦର୍ଶିନୀ ସାହୁ ଏବଂ ଆକାଂକ୍ଷା ପଣ୍ଡା ଯୁଗ୍ମ ତୃତୀୟ ହୋଇଛନ୍ତି।

## ସେଲ୍‌ଫି କର୍ନର



@ ଗୁଣନିଧି



@ ସୀମା

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

# ବିଜେଡିର କର୍ମୀ ସମ୍ମିଳନୀ

**ଓଡ଼ାପଡ଼ା, ୩।୨(ଡି.ଏନ.ଏ.)**




ଢେଙ୍କାନାଳ ଜିଲା ହିନ୍ଦୋଳ ନିର୍ବାଚନମଣ୍ଡଳୀର କାଣ୍ଡବିନ୍ଧା ଓ ସଦାଶିବପୁରରେ ବିଜେଡିର ପଞ୍ଚାୟତସ୍ତରୀୟ ୱାର୍ଡ କମିଟି କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। କାଣ୍ଡବିନ୍ଧା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ସୀମାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସୁଚିତ୍ରା ପାତ୍ର, ପ୍ରାଣବନ୍ଧୁ ରାଉତ, ଅଭୟ ରାଉତ, ମହିଳା ସଭାନେତ୍ରୀ ଦୀପ୍ତିମୟୀ ରାଉତ, ସୂର୍ଯ୍ୟନାରାୟଣ ପାତ୍ର, ଏମ୍‌ପିଙ୍କ ପ୍ରତିନିଧି ପ୍ରତାପ ରାଉତ, ଯୁବ ବିଜେଡି ଉପସଭାପତି ନିରାକାର ବେହେରା, ପ୍ରଭାକର ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ। ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ, କାଳିଆ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ମହିଳା କଳାକାରମାନେ ପାଲା, କୀର୍ତ୍ତନ ପରିବେଷଣ କରିଥିଲେ। ପ୍ରାୟ ୧୦୦୦ କର୍ମୀ ଏକତ୍ରିତ ହୋଇଥିଲେ। ସେହିପରି ସଦାଶିବପୁରରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମଣ କବି, ସରପଞ୍ଚ ଈଶ୍ୱର ରାଉତ, ସମିତିସଭ୍ୟ ଧରଣୀ ମଲ୍ଲିକ, ବାମଦେବ ପରିଡ଼ା, ଯୁବ ବିଜେଡି ସଭାପତି ଟୁଟୁ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୩।୨** ଢେଙ୍କାନାଳ ଆନନ୍ଦବଜାରରେ ରହୁଥିବା ସାମାଜିକ କର୍ମୀ କୋକିଳ ସାହୁଙ୍କ କଟକରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ବର୍ଷ ହୋଇଥିଲା। ମରଶରୀର ଢେଙ୍କାନାଳରେ ପହଞ୍ଚିବାପରେ ବହୁ ମାନ୍ୟଗଣ୍ୟବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଦୀର୍ଘ ୬୦ବର୍ଷ ଧରି ଅଞ୍ଚଳର ପାରମ୍ପରିକ ବୁଧେଇ ଓଷା ପରିଚାଳନାରେ ନେତୃତ୍ୱ ନେଉଥିଲେ କୋକିଳ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ସୁଆଗୀ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଛି। ଅନ୍ତିମ ସମୟରେ ପୁତ୍ର ବିରଞ୍ଚି ନାରାୟଣ ସେଠଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ନୋଡାଲ ଅଫିସରଙ୍କୁ ମାଡ଼ ମାମଲା

# ଅଭିଯୁକ୍ତ ଦୁଷ୍ମନ୍ତ ଗିରଫ

**ଢେଙ୍କାନାଳ ଅଫିସ, ୩।୨**

କାଳିଆ ଯୋଜନାର ନୋଡାଲ ଅଫିସର ଚିନ୍ତାମଣି ଦେହୁରୀଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ଅଭିଯୁକ୍ତ ଦୁଷ୍ମନ୍ତ କୁମାର ମଲ୍ଲିକଙ୍କୁ ରବିବାର ପୋଲିସ ଗିରଫ କରିଛି। ଏ ନେଇ ଗଁଦିଆ ଥାନାରେ ନଂ. ୧୯/୧୯ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ଶେଖ୍ ଅବଦୁଲ୍ କରିମ୍ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମନ୍ଦାର ପଞ୍ଚାୟତରେ କାଳିଆ ଯୋଜନା କାମବେଳେ କୃଷି ବିଭାଗ କର୍ମଚାରୀ ଚିନ୍ତାମଣି ଦେହୁରୀଙ୍କୁ ଦୁଷ୍ମନ୍ତ ପ୍ରବଳ ପିଟିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସର କୋହଳ ମନୋଭାବକୁ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିଲା। କାଳିଆ ଯୋଜନାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇ ନ ଦେଲେ ଜିଲାରେ କାମ ବନ୍ଦ କରିବାକୁ ଚେତାବନୀ ଦେଇଥିଲା ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ଶାଖା ସଂଘ।

# ଟାଟାଷ୍ଟିଲ ବିଏସ୍ଏଲ୍ ରନାଥନ୍: ଦୌଡ଼ିଲେ ୨୯୩୫ ପ୍ରତିଯୋଗୀ

**ଓଡାପଡା,୩।୨(ଡି.ଏନ.ଏ.)**




କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କାନାଳ ଜିଲା କଣ୍ଟାବଣିଆସ୍ଥିତ ଟାଟାଷ୍ଟିଲ ବିଏସ୍ଏଲ୍ କମ୍ପାନୀ ପକ୍ଷରୁ ଆୟୋଜିତ 'ରନାଥନ୍'ର ପ୍ରଥମ ସଂସ୍କରଣ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟାରୁ କମ୍ପାନୀର ମୁଖ୍ୟ ଫାଟକ ସମ୍ମୁଖରୁ ଦୌଡ଼ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ୧୦ କିମି ବିଶିଷ୍ଟ ମହିଳା ଓ ପୁରୁଷ ବର୍ଗ ଦୌଡ଼ ଆରମ୍ଭ ହେବାର ୪୫ ମିନିଟ୍ ପରେ ୫ କିମି ବିଭାଗରେ ଆରମ୍ଭ ହୋଇଥିଲା ପ୍ରତିଯୋଗିତା। ୧୦ କିମି ଦୌଡ଼ରେ ୧୬ ବର୍ଷ ବୟସରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏବଂ ୫ କିମି ଦୌଡ଼ରେ ୧୨ରୁ ୧୬ ବର୍ଷର ବାଳିକାବାଳକ ଭାଗ ନେଇଥିଲେ। ରନାଥନ୍‌ରେ ମୋଟ ୨୯୩୫ଜଣ ପ୍ରତିଯୋଗୀ ସାମିଲ ହୋଇଥିଲେ।

ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ମହାନ୍ତି, ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶ, ଅନୁଗୋଳ ଜେଏସପିଏଲ୍‌ର ସିଇଓ ପଙ୍କଜ ଗୌତମ, ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିମିଟେଡର କମ୍ପାନୀ ମୁଖ୍ୟ ରମେଶ ଆର୍. ପାଇ, ନବଭାରତ କମ୍ପାନୀ ମୁଖ୍ୟ ଯଶୋବନ୍ତ ପଟ୍ଟନାୟକ, ଟାଟାଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅକ୍ଷୟ କୁମାର ସାକ୍‌ସେନା, କର୍ପୋରେଟ ସେବା ବିଭାଗ ମୁଖ୍ୟ ମଣିକାନ୍ତ ନାୟକ, ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ, ଅଭିନେତ୍ରୀ ଅର୍ଚ୍ଚିତା ଉପସ୍ଥିତ ରହି ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଗଣଦୌଡ଼ ପାଇଁ ସାମୟିକ ଭାବେ ଅଟକି ଯାଇଥିଲା ୫୫ନଂ. ଜାତୀୟ ରାଜପଥ। ରାଜପଥରେ ଯାଉଥିବା ଯାତ୍ରୀମାନେ ଦୌଡ଼କୁ ଉପଭୋଗ କରିଥିଲେ। ଏହାକୁ ନେଇ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। ରନାଥନ୍ ପାଇଁ କମ୍ପାନୀ ପକ୍ଷରୁ ରେଡ଼ିଓ ଫ୍ରିକ୍ୟୁଏନ୍ସି ଆଇଡେଣ୍ଟିଫିକେସନ ଚିପ୍ସ, ଟ୍ରାକିଂ କ୍ୟାମେରା, ୱାଇଫାଇ ନେଟ୍‌ୱର୍କ ଭଳି ଅନ୍ତର୍ଜାତୀୟ ଟେକ୍ନୋଲୋଜି ବ୍ୟବହୃତ ହୋଇଥିଲା।

୧୦କିମି ମହିଳା ବର୍ଗରେ ସମ୍‌ସାଦଆରା ବେଗମ, ବାସନ୍ତୀ ହେମ୍ବ୍ରମ୍, ସ୍ୱାତୀ ଠାକୁର, ମଧୁସ୍ମିତା ସାମଲ, ପାଳକ ସାମଲ ଏବଂ ପୁରୁଷ ବର୍ଗରେ ହରେନ୍ଦ୍ର ଚୌହ୍ୱାନ, ରଶ୍ମିରଞ୍ଜନ ନାୟକ, ଗାଲୁ ସୋରେନ, ନସିବ୍ ସୁନ୍ଧି, ବାସ୍ତବ ବାରିକ ଯଥାକ୍ରମେ ଶ୍ରେଷ୍ଠ ୫ ସ୍ଥାନ ହାସଲ କରିଛନ୍ତି। ସେହିପରି ୫ କିମି ବାଳିକା ବର୍ଗରେ ସୁହାନା ପରମିନ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ପ୍ରିୟଙ୍କା ପଟ୍ଟନାୟକ, ବିନି ନାୟକ, ଆଲିସା ପଟ୍ଟନାୟକ ଏବଂ ବାଳକ ବିଭାଗରେ ମହମ୍ମଦ ତାରିକ୍‌ଉଦ୍ଦିନ, ଦୀପକ ପଟ୍ଟନାୟକ, ଗୋବିନ୍ଦ ପାଣ୍ଡେ, ପୁନିତ ରଘୁବଂଶୀ, ଅମିତ କୁମାର ଗଡ଼ନାୟକ ଯଥାକ୍ରମେ ପ୍ରଥମ ୫ ସ୍ଥାନ ଦଖଲ କରିଛନ୍ତି। ୧୦ କିମି ବିଭାଗର ଉଭୟ ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କାର ବାବଦରେ ଯଥାକ୍ରମେ ୪୧ହଜାର, ୩୧ହଜାର, ୨୧ ହଜାର, ୧୧ ହଜାର ଓ ୯ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ୫କିମି ବର୍ଗରେ ଉଭୟ ବିଭାଗରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୧୦ହଜାର, ୮ ହଜାର, ୭ ହଜାର, ୬ ହଜାର ଓ ୫ହଜାର ଟଙ୍କା ଅର୍ଥ ପ୍ରଦାନ କରାଯାଇଥିଲା।

୨୩୦୦ ପ୍ରତିଯୋଗୀଙ୍କ ପାଇଁ କମ୍ପାନୀ ପକ୍ଷରୁ ରନାଥନ୍‌ର ଆୟୋଜନ କରାଯାଇଥିଲା। ଛପାଫର୍ମ ଆସିବା ପୂର୍ବରୁ ଦୁଇଦିନ ମଧ୍ୟରେ ୧୭୦୦ରୁ ଊର୍ଦ୍ଧ୍ୱ ପଞ୍ଜୀକରଣ କରାଇନେଇଥିଲେ। ଅଫ୍‌ଲାଇନରେ ମାତ୍ର ୮୦୦ ଫର୍ମ ଯୋଗାଇବା ସମ୍ଭବପର ହୋଇଥିଲା। 'ରନାଥନ'ରେ ଜିଲା ତଥା ରାଜ୍ୟ ବାହାରୁ ଅଧିକାଂଶ ପ୍ରତିଯୋଗୀ ଭାଗ ନେବାର ସୁଯୋଗ ପାଇଥିବାବେଳେ ସ୍ଥାନୀୟ ପ୍ରତିଯୋଗୀଙ୍କ ସଂଖ୍ୟା ଖୁବ୍ କମ୍ ରହିଥିଲା। ଆଗାମୀ ଦିନରେ କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହୋଇଛି।

- ୨୦ ବିଜେତାଙ୍କୁ ୩ ଲକ୍ଷ ଟଙ୍କା ପୁରସ୍କାର
- ମହିଳାରେ ସମ୍‌ସାଦ୍‌ଆରା ବେଗମ୍, ସୁହାନା ପରମିନ ପ୍ରଥମ
- ପୁରୁଷରେ ହରେନ୍ଦ୍ର ଚୌହ୍ୱାନ, ମହମ୍ମଦ ତାରିକ୍‌ଉଦ୍ଦିନ ଶ୍ରେଷ୍ଠ




ଦୌଡ଼ ପ୍ରତିଯୋଗିତାରେ ସାମିଲ ହୋଇଥିବା ପ୍ରତିଯୋଗୀମାନେ।

## ସଂକ୍ଷେପରେ

### ଶିମିଳିପାଳ କୋର୍‌ ଏରିଆରେ ଦନ୍ତାହାତୀର ମୃତ୍ୟୁ



ବାରିପଦା ଅଫିସ, ୩।୨-ମୟୂରଭଞ୍ଜ ଜିଲାରେ ପ୍ରସ୍ତାବିତ ଜାତୀୟ ଉଦ୍ୟାନ ତଥା ଶିମିଳିପାଳ ଅଭୟାରଣ୍ୟର କୋର ଏରିଆର ଜେନାବିଲ ସେକ୍ସନର ଗୁରୁଣ୍ଡିଆ ବିଟ୍‌ରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ତାର ବୟସ ୮ ବର୍ଷ ହେବ। ଆନ୍ତ୍ରାକ୍ସ ରୋଗରେ ଆକ୍ରାନ୍ତ ହୋଇ ହାତୀଟିର ମୃତ୍ୟୁ ହୋଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି ସୂଚନା ଦେଇଛନ୍ତି। ଗତ ୩୦ ତାରିଖ ରାତିରେ ହାତୀଟିର ମୃତଦେହକୁ ବନବିଭାଗ କର୍ମଚାରୀ ଠାବ କରିଥିଲେ। ତେବେ ମୃତହାତୀର ଅବସ୍ଥାକୁ ଦେଖିଲେ ଏହାର ମୃତ୍ୟୁ ୫ରୁ ୭ଦିନ ପୂର୍ବରୁ ହୋଇଥିବା ବନ ବିଭାଗ କର୍ମଚାରୀ ପ୍ରକାଶ କରିଛନ୍ତି। ଏହି ଘଟଣା ବୁଧବାରଠାରୁ ଜଣାପଡ଼ିଥିଲେ ହେଁ ବନ ବିଭାଗ ରବିବାର ସୂଚନା ଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଚୋରା ମଦ ଅଟୋ ଧରିଲେ ମହିଳା ଗୋଷ୍ଠୀ



ବଅଁରପାଳ, ୩।୨ (ଡି.ଏନ୍.ଏ)- ନାଲ୍‌କୋ ଥାନା ଅନ୍ତର୍ଗତ ଗିରାଙ୍ଗ ଛକଠାରେ ଏକ ଚୋରା ମଦ ଅଟୋକୁ ମହିଳା ଗୋଷ୍ଠୀ ରବିବାର ଜବତ କରିଛନ୍ତି। ଜଣେ ଯୁବକ ରାସ୍ତା ପାର ହେଉଥିବାବେଳେ ଅଟୋ (ଓଆର୍-୧୯-ଜି- ୮୬୦୪)ଟି ତାଙ୍କୁ ଧକ୍କା ଦେଇଥିଲା। ପରେ ମହିଳା ସଂଘ ସଦସ୍ୟମାନେ ସେଠାରେ ପହଞ୍ଚି ଦେଖିବାରେ ସେଥିରେ ମଦ ଭର୍ତ୍ତି ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ନାଲକୋ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

### ପଞ୍ଚାୟତରେ ବିଜେଡି ୱାର୍ଡ଼ କମିଟି ଗଠନ

ଅନୁଗୋଳ ଅଫିସ, ୩।୨- ଅନୁଗୋଳ ଜିଲା ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଜଗନ୍ନାଥପୁର ପଞ୍ଚାୟତରେ ବିଜେଡିର ୱାର୍ଡ କମିଟି ଗଠନ କରାଯାଇଛି। ଏ ନେଇ ୭ଟି ଗ୍ରାମର ଦଳୀୟ କର୍ମୀଙ୍କୁ ନେଇ ଏକ ବୈଠକ ବସିଥିଲା। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତୀମୂଳକ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନଙ୍କ ଜିଲା ପ୍ରତିନିଧି ତପନ କୁମାର ଦେହୁରୀ ଏମ୍‌ପିଙ୍କ ଅନୁଦାନ ପାଣ୍ଠିରୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପାଇଁ ଟଙ୍କା ମଞ୍ଜୁର ହୋଇଥିବା ଏବଂ ଆସନ୍ତା ୧୬ ତାରିଖରେ ଏହାର ଉଦ୍‌ଘାଟନ ପାଇଁ ଦିନ ଧାର୍ଯ୍ୟ କରାଯାଇଥିବା ସୂଚନା ଦେଇଥିଲେ। ଏଥିସହିତ ପୁରୁଣାକୋଟ ଓ ଟିକରପଡ଼ା ପଞ୍ଚାୟତ ବୁଲି କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ସଭାରେ ଅନୁଗୋଳ ବ୍ଲକର ପୂର୍ବତନ ଚେୟାରମ୍ୟାନ ନବକିଶୋର ବିଶୋଇ, ସରପଞ୍ଚ ବିନୋଦ ସାହୁ, ସମିତି ସଭ୍ୟା ମୀନତି ପ୍ରଧାନ, ଲୋଚନ ସାହୁ, ଆଡଭୋକେଟ୍ ପ୍ରଦୀପ କୁମାର ସାହୁ, ଶିବରାମ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ।

### ପରିବେଶ ସଚେତନତା କାର୍ଯ୍ୟକ୍ରମ

ବଅଁରପାଳ,୩।୨(ଡି.ଏନ୍.ଏ.)- ନାଲ୍‌କୋନଗର ସରସ୍ୱତୀ ବିଦ୍ୟାମନ୍ଦିର ଇକୋ କ୍ଲବ ଛାତ୍ରାଛାତ୍ରୀଙ୍କ ପକ୍ଷରୁ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧକ୍ଷ ଡ. ଶତ୍ରୁଘ୍ନ ବେହେରା ଛାତ୍ରାଛାତ୍ରଙ୍କୁ ପରିବେଶ ସୁରକ୍ଷା ପାଇଁ ଶପଥ କରାଇଥିଲେ। ପରେ ଶିକ୍ଷକ ବିଜୟ କୁମାର ମହାରଣା, ଏନ୍‌ସିସି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ସାଇକେଲ ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ବାହାରି ସ୍ଥାନୀୟ କନିଆଁବେଡା ଗ୍ରାମ ପରିକ୍ରମା କରି ପରିବେଶ ସୁରକ୍ଷା ଉପରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏଥିରେ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟମାନେ ସହଯୋଗ କରିଥିଲେ।

■ହିଙ୍ଗୁଳା ମନ୍ଦିର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବୈଠକ

# ଡିସେମ୍ବର ସୁଦ୍ଧା ମିଳିଛି ପ୍ରାୟ ୩ କୋଟି

ତାଳଚେର,୩।୨(ନି.ପ୍ର.)

ତାଳଚେର ଗୋପାଳପ୍ରସାଦସ୍ଥିତ ମା’ ହିଙ୍ଗୁଳାଙ୍କ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରବିବାର ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଉପଜିଲାପାଳ ତଥା ମା’ ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ପରେଶ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ମା’ଙ୍କ ନୂତନ ମନ୍ଦିରର ଉଚ୍ଚତା ୧୩୧ ଫୁଟ ହେବାକୁ ଥିବାବେଳେ ଅଦ୍ୟାବଧି ୭୨ ଫୁଟ ପର୍ଯ୍ୟନ୍ତ ନିର୍ମାଣ ସରିଥିବା ବୈଠକରେ ସୂଚନା

■୧୩୧ ଫୁଟ ଉଚ୍ଚତାରୁ ନିର୍ମାଣ ହୋଇଛି ୭୨ ଫୁଟ

■ଖର୍ଚ୍ଚ ହୋଇଛି ୨ କୋଟି ୧୪ ଲକ୍ଷ

■ଏମ୍‌ସିଏଲ ଶ୍ରମିକ ସଙ୍ଗଠନର ସର୍ବାଧିକ ଦାନ

ଦିଆଯାଇଥିଲା। ମନ୍ଦିର ନିର୍ମାଣ ନିମନ୍ତେ ଏମ୍‌ସିଏଲ୍ କର୍ମଚାରୀ, ଶ୍ରମିକ ସଙ୍ଗଠନ ତଥା ଅନ୍ୟାନ୍ୟ ସୂତ୍ରରୁ ଗତ ଡିସେମ୍ବର ଶେଷ ସୁଦ୍ଧା ୨ କୋଟି ୯୩ ଲକ୍ଷ ୩୧ ହଜାର ୫୧୭ ଟଙ୍କା ଦାନସୂତ୍ରରେ ପ୍ରାପ୍ତ ହୋଇଛି। ମନ୍ଦିର ଓ ପାଚେରି ନିର୍ମାଣ କାର୍ଯ୍ୟରେ ୨ କୋଟି ୧୪ ଲକ୍ଷ ୧୩ ହଜାର ୯୧ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ମିଳିଛି। ତେବେ ମିଳିଥିବା ମୋଟ ଅର୍ଥରୁ ୨ କୋଟି ୩୯ ଲକ୍ଷ ୫୬ ହଜାର ୯୮୭ ଟଙ୍କା ଏମ୍‌ସିଏଲ୍ ଖଣି କର୍ମଚାରୀଙ୍କ ପାଖରୁ ଆସିଥିବା ବୈଠକରେ ପ୍ରକାଶ ପାଇଛି। ଏମ୍‌ସିଏଲ୍‌ରେ କାର୍ଯ୍ୟରତ ୪ ଶ୍ରମିକ ସଙ୍ଗଠନ ଏବଂ ଖଣି କର୍ମଚାରୀଙ୍କ ଆର୍ଥିକ ସହାୟତା ଯୋଗୁ ମନ୍ଦିର କାମ ଆଗେଇ ଚାଲିଛି ବୋଲି ମ୍ୟାନେଜିଂ ଟ୍ରଷ୍ଟି ନାୟକ କହିଥିଲେ। ଶ୍ରମିକ ସଂଗଠନ ଆଇଏନ୍‌ଟିୟୁସି, ବିଏମ୍‌ଏସ୍, ଏଚ୍‌ଏମ୍‌ଏସ୍ ଓ ଏଆଇଟିୟୁସିର ସାଧାରଣ ସମ୍ପାଦକ ଓ ବରିଷ୍ଠ କର୍ମକର୍ତ୍ତାମାନେ ଆଗାମୀ ଦିନରେ ମନ୍ଦିର ନିର୍ମାଣ ପାଇଁ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ। ଭାରତୀୟ ତୈଳ ନିଗମ (ଆଇଓସିଏଲ୍) ପକ୍ଷରୁ ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ ପାଇଁ ଅଦ୍ୟାବଧି ୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଆଗାମୀ ଦିନରେ ଅଧିକ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସୂଚନା ମିଳିଛି। ସେହିପରି ହିଙ୍ଗୁଳା ଟ୍ରକ ମାଲିକ ସଂଘର ନୂତନ ଓ ପୁରାତନ ଶାଖା ପକ୍ଷରୁ ଟ୍ରକ ପିଛା ଦୈନିକ ୧୦ ଟଙ୍କା ପ୍ରଦାନ କରାଯାଉଛି। ସମସ୍ତ ଶିଳ୍ପ ତଥା ଶିକ୍ଷାନୁଷ୍ଠାନ ସମେତ ଲୋକେ ମନ୍ଦିର ନିର୍ମାଣ ପାଇଁ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ବୈଠକରେ ବରିଷ୍ଠ ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଅରୁଣ ପ୍ରଧାନ, ଚତୁର୍ଭୁଜ ଦାସ, ଆର.ଜି. ମହାନ୍ତି, ସନତ କୁମାର ପାଣିଗ୍ରାହୀ, ପ୍ରମୋଦ କୁମାର ପଟ୍ଟନାୟକ, ସଞ୍ଜୟ କୁମାର ବିଶ୍ୱକର୍ମା, ସିଦ୍ଧେଶ୍ୱର ପ୍ରଧାନ, ଟ୍ରଷ୍ଟ ବୋର୍ଡ ସଦସ୍ୟ ଜଗନମୋହନ ଗଡନାୟକ, ମୁରଲୀଧର ସାହୁ, ସନ୍ତୋଷ ପ୍ରଧାନ, ସଞ୍ଜୟ ସାହୁ, ଗଗନ ବିହାରୀ ସାହୁ, ରାଜେନ୍ଦ୍ର କୁମାର ସିଂହ, ହିଙ୍ଗୁଳା କ୍ଷେତ୍ରର ମହାପ୍ରବନ୍ଧକ ଆର୍.ବି.ରେଡ୍ଡୀ ଏବଂ ଏମସିଏଲ୍‌ର ପଦାଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଉପଜିଲାପାଳଙ୍କ ସମେତ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଓ ଅନ୍ୟମାନେ।



ଡ୍ରେନ ନିର୍ମାଣ ପାଇଁ ହ୍ୟୁମ୍ ପାଇପ ବିଛା ଯାଇଛି।

■ପୂର୍ତ୍ତବିଭାଗ ରାସ୍ତାରେ ଆବର୍ଜନା ପାଣି ଛାଡିବା ଘଟଣା

# କମ୍ପାନୀ ପକ୍ଷରୁ ଡ୍ରେନ ନିର୍ମାଣ ଆରମ୍ଭ

ବନ୍ତଳା, ୩।୨ (ଡି.ଏନ.ଏ)

ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ ନଂ. ଜାତୀୟ ରାଜପଥର ପଞ୍ଚମହଲା ଠାରୁ ବନ୍ତଳା ପୂର୍ତ୍ତ ବିଭାଗ ରାସ୍ତାର ପଞ୍ଚମହଲା ନିକଟରେ ରାସ୍ତା ଉପରେ ସ୍ଥାନୀୟ ୩ କମ୍ପାନୀ ଆବର୍ଜନା ପାଣି ଛାଡୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ଗତ ୧୦ ତାରିଖରେ ‘ଧରିତ୍ରୀ’ରେ ଖବର ପ୍ରକାଶ ହେବା ପରେ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ସେଠାରେ ଡ୍ରେନ ନିର୍ମାଣ କାମ ଆରମ୍ଭ ହୋଇଛି। କମ୍ପାନୀ ମାଲିକମାନେ ମିଳିତ ଭାବେ ମାଟି ଖୋଳା ମେଶିନ ଦ୍ୱାରା ଡ୍ରେନ ନିର୍ମାଣ ଆରମ୍ଭ କରିବା ସହିତ ୨୦ରୁ ଅଧିକ ହ୍ୟୁମ୍ ପାଇପ ପକାଇଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଉକ୍ତ ରାସ୍ତା ଦେଇ ବନ୍ତଳା, ଶଙ୍ଖପୁର, ଧୋକୁଟା, ନନ୍ଦପୁର, ବଲଙ୍ଗ, ଜଗନ୍ନାଥପୁର, ପୁରୁଣାକୋଟ, ଟିକରପଡ଼ା, ତଳଗଡ଼, ବାରଗୌଣିଆ, ଖଣ୍ଡା, ଗଡ଼ତରାଶ, ବଡ଼କନ୍ତକୁଳ ଆଦି ପଞ୍ଚାୟତର ଲୋକେ ଯାତାୟାତ କରିଥାନ୍ତି। ଏଥିସହିତ ସାତକୋଶିଆ ଅଭୟାରଣ୍ୟକୁ ମଧ୍ୟ ପର୍ଯ୍ୟଟକମାନେ ଏହି ବାଟ ଦେଇ ଯାଇଥାନ୍ତି। ଉକ୍ତ ରାସ୍ତାରେ କମ୍ପାନୀ ଆବର୍ଜନା ପାଣି ଛାଡୁଥିବା ଯୋଗୁ ପରିବେଶ ଦୂଷିତ ହେବା ସହିତ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।

# ଉନ୍ନୟନ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ

କଣିହାଁ,୩।୨(ଡି.ଏନ୍.ଏ)

 କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ କାଳିଆଦମା ଠାରୁ ସଂସାମରା ରାସ୍ତାର ନବୀକରଣ ପାଇଁ ରବିବାର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଛି। ପାଲଲହଡ଼ା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଉକ୍ତ ରାସ୍ତାର ଶୁଭ ଦେଇଥିଲେ। ଏହି ରାସ୍ତା ନିର୍ମିତ ହେଲେ ଆଦିବାସୀ ବହୁଳ ଅଞ୍ଚଳର ଲୋକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ବିଧାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ବେହେରା, ବିଜେଡି ବ୍ଲକ ସଭାପତି ଶ୍ୟାମ ସୁନ୍ଦର ସାହୁ, ବିଜୁ ଜିଲା ଉପସଭାପତି ସୁନୀଲ କୁମାର ପ୍ରଧାନ, ନିର୍ମଳ ସାହୁ, ବ୍ଲକ ସମ୍ପାଦକ ନିଶାକର ପ୍ରଧାନ, କୁଳମଣି ବେହେରା, ପୂର୍ବତନ ପଞ୍ଚାୟତ ସମିତି ଉପାଧକ୍ଷ ବିଷ୍ଣୁ କୁମାର ଦାଶ, ସରପଞ୍ଚ ଦେବରାଜ ଦାସ, ଶଶିଶେଖର ସିଂ, ହିମା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।



### ୱାର୍ଡସ୍ତରରୁ ଦଳ ସୁଦୃଢ କରିବାକୁ ଗୁରୁତ୍ୱ

ଛେଣ୍ଡିପଦା,୩।୨(ଡି.ଏନ.ଏ.)

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଦୁର୍ଗାପୁର ପଞ୍ଚାୟତ ବିଜେଡି ପକ୍ଷରୁ ରବିବାର ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ ନେତା ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ୱାର୍ଡ ସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯୁବନେତା ସରୋଜ କୁମାର ସାହୁ, କୃଷ୍ଣଚନ୍ଦ୍ର ସାହୁ, ପ୍ରଫୁଲ୍ଲ ସାହୁ, ପର୍ଶୁରାମ ସାହୁ, ସୁଧୀର ସାହୁ, ସୁମନ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୁଶୀଲ କୁମାର ସିଂହଙ୍କ ନେତୃତ୍ୱରେ କତଡା ପଞ୍ଚାୟତସ୍ତରୀୟ ବିଜେଡିର ୱାର୍ଡ କମିଟି ବୈଠକ ପିତାଚରୀ ଗ୍ରାମଠାରେ ଅନୁଷ୍ଠିତ ହୋଇଛି। ସରପଞ୍ଚ ସଞ୍ଜୟ କୁମାର ସାହୁ, ସୁଶାନ୍ତ କୁମାର ସିଂ, ଭରତ ସିଂ, ପବିତ୍ର ପ୍ରଧାନ, ଶିବରାମ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। କୋରଡା, ଜେରେଙ୍ଗ ଦେହୁରୀ ସାହିରେ ମଧ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା।

# ଏସ୍‌ଡିପିଓ, ଆଇଆଇସି ସ୍ତରରେ ଅଦଳବଦଳ

ଅନୁଗୋଳ ଅଫିସ, ୩।୨

ଓଡ଼ିଶା ପୋଲିସର ଏସ୍‌ଡିପିଓ ଓ ଇନ୍ସପେକ୍ଟର ସ୍ତରରେ ବଡ଼ଧରଣର ଅଦଳ ବଦଳ ହୋଇଛି। ଅନୁଗୋଳ ଏସ୍‌ଡିପିଓ ଭାବେ ଅଶ୍ୱିନୀ କୁମାର ସାହୁଙ୍କୁ ନିଯୁକ୍ତି ମିଳିଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ପୂର୍ବରୁ ଗଞ୍ଜାମ ଜିଲାରେ ଡିଏସ୍‌ପି ଡିଆଇବିରେ କାର୍ଯ୍ୟ କରୁଥିଲେ। ସେହିପରି ପୂର୍ବରୁ ଅନୁଗୋଳ ଏସ୍‌ଡିପିଓ ଭାବେ ବଦଳି ହୋଇଥିବା ଶିବ ଚରଣ ମଲ୍ଲିକଙ୍କ ବଦଳି ରଦ୍ଦ କରାଯାଇ ଜଗତସିଂହପୁର ଜିଲା ପୋଲିସ ମୁଖ୍ୟାଳୟରେ ଡିଏସ୍‌ପି ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଢେଙ୍କାନାଳ ସଦରରେ ଏସ୍‌ଡିପିଓ ଥିବା ସେକ୍ ଅବଦୁଲ କରିମ୍‌ଙ୍କୁ ଆଠମଲ୍ଲିକ ଏସ୍‌ଡିପିଓ ଦାୟିତ୍ୱ ଦିଆଯାଇଛି। ଆଠମଲ୍ଲିକ ଏସଡିପିଓ ଏ. କେର୍କେଟାଙ୍କୁ ଫୁଲବାଣୀ ସଦର ଏସଡିପିଓ ଭାବେ ବଦଳି କରାଯାଇଛି। ସେହିପରି ବୌଦ୍ଧ ଜିଲାର ପିସିଆର୍ ସେଲ ଡିଏସ୍‌ପି ଏମ୍ ଶଙ୍କର୍ସରନ୍ ଡୋରାଙ୍କୁ ଅନୁଗୋଳ ପିଟିସିର ଡିଏସ୍‌ପି ଭାବେ ବଦଳି କରାଯାଇଛି। ଏଥିସହ ଇନ୍ସପେକ୍ଟର ସ୍ତରରେ ୩୭ ଜଣଙ୍କୁ ଅଦଳବଦଳ କରାଯାଇଥିବା ବିଜ୍ଞପ୍ତି ଜାରି ହୋଇଛି। ବଲାଙ୍ଗୀରରେ ଥିବା କିଶୋର ଚନ୍ଦ୍ର ପ୍ରଧାନଙ୍କୁ ଅନୁଗୋଳ ଜିଲାକୁ ଏବଂ ପ୍ରଦ୍ୟୁମ୍ନ କୁମାର ମହାପାତ୍ରଙ୍କୁ ସମ୍ବଲପୁରରୁ ଅନୁଗୋଳକୁ ବଦଳି କରାଯାଇଛି। ସେହିପରି କଳାହାଣ୍ଡିରେ ଥିବା ରାଜେନ୍ଦ୍ର ମହାପାତ୍ରଙ୍କୁ ଅନୁଗୋଳ ଜିଲାକୁ ବଦଳି କରାଯାଇଛି। ପୂର୍ବରୁ ଅନୁଗୋଳରୁ ରଞ୍ଜିତା ଏକ୍କାଙ୍କ ସମ୍ବଲପୁର ବଦଳିକୁ ରଦ୍ଦ କରାଯାଇଛି। ବରଗଡ଼ରୁ ସ୍ମିତାରାଣୀ ପ୍ରଧାନଙ୍କୁ ଅନୁଗୋଳ ଜିଲାକୁ ବଦଳି କରାଯାଇଛି। ଅନୁଗୋଳରୁ ଗୋକୁଳାନନ୍ଦ ସାମଲଙ୍କ ବଦଳିକୁ ରଦ୍ଦ କରାଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ସମାଜ ଗଠନରେ ସତ୍‌ସଙ୍ଗର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଆୟୋଜିତ ସତ୍‌ସଙ୍ଗ କାର୍ଯ୍ୟକ୍ରମ।

ଅନୁଗୋଳ ଅଫିସ, ୩।୨

ଅନୁଗୋଳ ସତ୍‌ସଙ୍ଗ ବିହାର ପରିସରରେ ରବିବାର ଠାକୁର ଅନୁକୂଳଚନ୍ଦ୍ର ଓ ଶ୍ରୀଶ୍ରୀ ବଡ଼ଦାଙ୍କ ଶୁଭ ଜନ୍ମ ମହା ମହୋତ୍ସବ ଏବଂ ଅନୁଗୋଳ ସତସଙ୍ଗ ଶ୍ରୀମନ୍ଦିରର ୨୧ତମ ଉଦବୋଧନୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ ଓ ନହବତ ଉଷା କୀର୍ତ୍ତନ, ସମବେତ ବିନତୀ ଓ ସଦଗ୍ରନ୍ଥପାଠ, ଜନ୍ମଲଗ୍ନ ଘୋଷଣା ଉତ୍ସବ ଉଦବୋଧନ ଓ ଭକ୍ତି ସଙ୍ଗୀତାଞ୍ଜଳି ଅନୁଷ୍ଠିତ ହୋଇଥିଲା। ମାଧବ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସତ୍‌ସଙ୍ଗ ଓ ସଦା ଆଲୋଚନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଅଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ ଯୋଗଦେଇ ଶୃଙ୍ଖଳିତ ସମାଜ ଗଠନରେ ସତ୍‌ସଙ୍ଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ନରସିଂହପୁର କଲେଜ ଅଧ୍ୟାପକ ବିଜୟ ପରିଡ଼ା ଯୋଗଦେଇ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦିବ୍ୟ ଜୀବନ ଓ ଭାବାଦର୍ଶ ଉପରେ ଆଲୋକପାତ କରିଥିଲେ। ପ୍ରଶାନ୍ତ ମିଶ୍ର ଛଡ଼ାରଗାନ ପରିବେଷଣ କରିଥିଲେ। ଏହି ଅବସରରେ ନିମାଇଁ ବେହେରାଙ୍କ ତତ୍ତ୍ୱାବଧାନରେ କୁନି କୁନି କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଭକ୍ତ ଯୋଗଦେଇଥିଲେ। ଅଶୋକ ଗଡ଼ନାୟକ, ପୀତାମ୍ବର ସାମଲ, ନାରାୟଣ ବେହେରା, ତାରାକାନ୍ତ ବେହେରା, ଚିତ୍ତରଞ୍ଜନ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ଦାସ, ଶ୍ରୀବତ୍ସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

■ଗାଁରୁ ପଞ୍ଚାୟତ କାର୍ଯ୍ୟାଳୟ ୯ କିମି

# ଭତ୍ତା ଯେତିକି, ଗାଡ଼ି ଭଡ଼ା ସେତିକି

ବନ୍ତଳା, ୩।୨ (ଡି.ଏନ.ଏ)

ଭତ୍ତା ପାଇଁ ଯାଉଛନ୍ତି ହିତାଧିକାରୀ। ହେଲେ ଘରେ ପହଞ୍ଚିବାକୁ ଗାଡ଼ି ଭଡାରେ ସରିଯାଉଛି ଟଙ୍କା। ଗାଁରୁ ପଞ୍ଚାୟତ କାର୍ଯ୍ୟାଳୟରୁ ଦୂରତା ଅଧିକ ହୋଇଯାଉଥିବାରୁ ଅନେକେ କଷ୍ଟ କରି ଭତ୍ତା ପାଇଁ ଯିବାକୁ ଇଚ୍ଛା ମଧ

■ଯାଇ ନ ପାରି ୨୫୦ ଭତ୍ତାଧାରୀ ବଞ୍ଚିତ

■ଗାଁ ନିକଟରେ ଟଙ୍କା ପ୍ରଦାନ ଦାବି

କରୁନାହାନ୍ତି। ଏପରି ସ୍ଥିତିରେ ଅନୁଗୋଳ ବ୍ଲକ ଇଙ୍କରବନ୍ଧ ପଞ୍ଚାୟତର ଶତାଧିକ ହିତାଧିକାରୀ ଭତ୍ତା ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ସେମାନଙ୍କ ଗାଁରେ କିମ୍ବା ନିକଟରେ ଭତ୍ତା ଯୋଗାଇଦେବାକୁ ଦାବି କରିଛନ୍ତି।

ହିତାଧିକାରୀଙ୍କ ଅଭିଯୋଗ ମୁତାବକ, ଇଙ୍କରବନ୍ଧ, ସାନଙ୍କଜିନି, ବଡ଼ଙ୍କଜିନି, ନୂଆପଡ଼ା, ସଟରାଙ୍ଗ ଓ ସାରଙ୍ଗପୁର ଆଦି ୬ ଗ୍ରାମର ବୟସ୍କ, ଦିବ୍ୟାଙ୍ଗ, ବିଧବାଙ୍କୁ ମାସିକ ଭତ୍ତା ବାବଦ ଟଙ୍କା ପ୍ରତି ମାସ ୧୫ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଛି। କିନ୍ତୁ ଗାଁ ଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଦୂରତା ୭ରୁ ୯ କିମି ପର୍ଯ୍ୟନ୍ତ ହୋଇଯାଉଛି। ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ସିଧାସଳଖ ରାସ୍ତା ନ ଥିବାରୁ ଲୋକେ ୭ କିମି ବସଳା କିମ୍ବା ୯ କିମି କୁମୁରିସିଂହା ଓ ବଲାସିଂହା ପଞ୍ଚାୟତ ଦେଇ ଇଙ୍କରବନ୍ଧ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଛନ୍ତି। କେତେଜଣ ହିତାଧିକାରୀ ମିଶି ଗାଡ଼ି ଭଡ଼ା କରି ଟଙ୍କା ଆଣିବାକୁ ଯାଉଛନ୍ତି। ଭଡ଼ା ବାବଦରେ ଲୋକଙ୍କ ୫୦ରୁ ୨ଶହ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠମାନେ ଅଧିକ ଅସୁବିଧା ଭୋଗୁଛନ୍ତି। ୨୦୦୪ରୁ ୨୦୧୮ ପର୍ଯ୍ୟନ୍ତ କେବଳ ଇଙ୍କରବନ୍ଧ ଗ୍ରାମବାସୀଙ୍କ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ ହେଉଥିଲା। ବାକି ୫ଟି ଗ୍ରାମ ପାଇଁ ମଝିରେ ଥିବା ନୂଆପଡ଼ା ଗ୍ରାମ କୋଠଘରେ ଟଙ୍କା ଦିଆଯାଉଥିଲା। ହେଲେ ୬ ମାସ ହେଲା ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କରାଯାଉଥିବାରୁ ଉକ୍ତ ହିତାଧିକାରୀମାନେ ହଇରାଣ ହେଉଛନ୍ତି। ଏପରିକି ଜାନୁୟାରୀରେ ୫ ଗ୍ରାମର ୪ ଶହରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୧୫୦ଜଣ ବହୁ କଷ୍ଟରେ ଭତ୍ତା ଆଣିଥିବାବେଳେ ବାକି ୨୫୦ ଜଣ ଯାଇ ନ ପାରି ଏଥିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଅସନ୍ତୁଷ୍ଟ ହିତାଧିକାରୀ ନୂଆପଡ଼ା ପଞ୍ଚାୟତ ହାଇସ୍କୁଲଠାରେ ଏକ ବୈଠକ ଡାକିବା ସହ ନୂଆପଡ଼ା ଠାରେ ଭତ୍ତା ପ୍ରଦାନର ବ୍ୟବସ୍ଥା ପାଇଁ ହସ୍ତାକ୍ଷର ଅଭିଯାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ସୋମବାର ବିଡିଓଙ୍କ ନିକଟରେ ଦାବି ଜଣାଯିବ ବୋଲି କୁହାଯାଇଛି। ସଭାରେ ସରପଞ୍ଚ, ୱାର୍ଡ଼ମେମ୍ବର, ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ବିଡିଓ ମାୟାଧର ବେହେରାଙ୍କୁ ଏ ସମ୍ପର୍କରେ ପଚାରିବାରେ କୁହନ୍ତି, ସମସ୍ୟାର ଅନୁଧ୍ୟାନ କରାଯାଇ ଜିଲାପାଳଙ୍କ ଦୃଷ୍ଟିକୁ ନିଆଯିବ। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



ବୟୋଜ୍ୟେଷ୍ଠ ହିତାଧିକାରୀଙ୍କ ବୈଠକ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ଫେବୃୟାରୀ ୪ /୨୦୧୯ Dhenkanal, Monday, February 4 / 2019

## ସଂକ୍ଷେପରେ

### ବାଇକ ଧକ୍କାରେ ବୃଦ୍ଧ ଗୁରୁତର

ବଅଁରପାଳ,୩।୨(ଡି.ଏନ.ଏ.)-ଅନୁଗୋଳ ଜିଲା ୫୫ ନଂ. ଜାତୀୟ ରାଜପଥ ନାଲକୋ ମେନଗେଟ୍ ଛକରେ ଏକ ବାଇକ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ଜଣାପଡ଼ି ନାହିଁ। ବୃଦ୍ଧ ଜଣକ ରାସ୍ତା ପାର ହେଉଥିବାବେଳେ ଏକ ବାଇକ ଧକ୍କା ଦେଇଥିଲା।

### ଓଲଟିଲା ପିକଅପ ଭ୍ୟାନ



ବଅଁରପାଳ, ୩।୨(ଡି.ଏନ.ଏ.): ବଅଁରପାଳ ୫୫ ନଂ. ଜାତୀୟ ରାଜପଥ ହାଟଛକ ଓଭର ବ୍ରିଜ ନିକଟରେ ରବିବାର ସକାଳେ ଏକ ପିକଅପ ଭ୍ୟାନ ଓଲଟିପଡ଼ିଛି। ଏଥିରେ ଗାଡ଼ି ଚାଳକ ଆହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରି ନାହିଁ। ଅନୁଗୋଳରୁ ଢେଙ୍କାନାଳ ଯାଉଥିବା ସମୟରେ ପିକଅପ୍ ଭ୍ୟାନଟି ଓଭର ବ୍ରିଜ ନିକଟରେ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ୧ ଘଣ୍ଟା ଧରି ରାସ୍ତା ଜାମ ହେବା ସହ ଯାତାୟାତରେ ବାଧାସୃଷ୍ଟି ହୋଇଥିଲା।

### ଏନ୍‌ଟିପିସି ଫାଇନାଲରେ

ବଇଣ୍ଡା,୩।୨(ଡି.ଏନ.ଏ.)- କିଶୋରନଗର ବ୍ଲକ ବଡ଼ଡଙ୍ଗିଆଣୀ ଖେଳପଡ଼ିଆରେ ଚାଲିଥିବା ପ୍ରସନ୍ନ ଓ ଜ୍ଞାନେନ୍ଦ୍ର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଅନୁଷ୍ଠିତ ୨ୟ ସେମିଫାଇନାଲ ମ୍ୟାଚରେ ଆଠମଲ୍ଲିକ କ୍ରିକେଟ କ୍ଲବକୁ ହରାଇ ଏନ୍‌ଟିପିସି କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଏନ୍‌ଟିପିସି ବ୍ୟାଟିଂ କରି ୧୬୬ ରନ କରିଥିଲା। ଜବାବରେ ଆଠମଲ୍ଲିକ ୮୭ ରନ କରି ପରାସ୍ତ ହୋଇଥିଲା। ବିଜୟୀ ଦଳର ସୌମ୍ୟରଞ୍ଜନ ହୋତା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବୁବୁନ ସିଂ, ଗର୍କି ଦେଓ ଖେଳ ପରିଚାଳନା କରିଥିଲେ।

### ମନ୍ଦିର ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି

କଣିହାଁ,୩।୨(ଡି.ଏନ.ଏ.)-କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡ଼ହୀରା ଗ୍ରାମରେ ସିଦ୍ଧେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଗ୍ରାମବାସୀଙ୍କ ତରଫରୁ ଏ ନେଇ ପ୍ରସ୍ତୁତି ଚାଲିଛି। ମଙ୍ଗଳବାର କଣିହାଁ ଟିକିରାନଦୀରୁ କଳସ ଯାତ୍ରା ସହ ଅଧିବାସ ବୁଧବାର ଯଜ୍ଞ, ବିଗ୍ରହ ପ୍ରବେଶ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଗୁରୁବାର ନାମସଂର୍କୀରତନ, ପୂର୍ଣ୍ଣାହୁତି ସହିତ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳାରେ ସମସ୍ତ ଜନସାଧାରଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

### ଭାଜପାର ବୈଠକ

ଛେଣ୍ଡିପଦା,୩।୨(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ତେଣ୍ଟୁଲୋଇ ଗ୍ରାମର ମନୋରମ ଆଶ୍ରମ ସମ୍ମୁଖରେ ତେଣ୍ଟୁଲୋଇ ପଞ୍ଚାୟତ ଭାଜପାର ଏକ ବୈଠକ ରମେଶ ଚନ୍ଦ୍ର ଦେହୁରୀଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାଜପା କୋଶଳା ମଣ୍ଡଳ ସଭାପତି ଅନନ୍ତ କୁମାର ବେହେରା ଯୋଗଦେଇ ପ୍ରତି ପଞ୍ଚାୟତରେ ଦଳକୁ ସୁଦୃଢ଼ କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ମଣ୍ଡଳ ସମ୍ପାଦକ ଅନନ୍ତ କୁମାର ଦେହୁରୀ,ବାଲୁଙ୍କେଶ୍ୱର ସାହୁ, ଗୋବିନ୍ଦ ପ୍ରଧାନ, ବିପିନ ବିହାରୀ ସାହୁ ପ୍ରମୁଖଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ବୁଥସ୍ତରୀୟ ସମୀକ୍ଷା ବୈଠକ

କଣିହାଁ,୩।୨(ଡ଼ି.ଏନ୍.ଏ)-କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଡ଼ାକବଙ୍ଗଳାଠାରେ ବିଜେଡିର ବୁଥ୍‌ସ୍ତରୀୟ ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ା ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ତୃଣମୂଳସ୍ତରରୁ ବୁଥ ଗୁଡ଼ିକୁ କିପରି ଅଧିକ ମଜବୁତ କରାଯିବ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ରେଙ୍ଗାଲି, ବଦ୍ରକୋଟ, କୁଲୁମା, ବାଲିପଶି, ହନୁମାନପୁର ଓ ତାଳପଦାର ଶତାଧିକ ବୁଥ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଶ୍ୟାମସୁନ୍ଦର ସାହୁ, ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ଜିଲା ଯୁବ ଉପସଭାପତି ସୁନୀଲ କୁମାର ପ୍ରଧାନ, ଶଶିଶେଖର ସିଂ, ନିର୍ମଳ ସାହୁ, ନିଶାକର ପ୍ରଧାନ, କୁଳମଣି ବେହେରା, ବିଷ୍ଣୁ ଦାଶ, ପୂର୍ଣ୍ଣ ମହାନ୍ତି, ସୁରେଶ ଧଳ, ଈଶ୍ୱର ଚନ୍ଦ୍ର ସାହୁଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ବିଡ଼ି ମଜଦୁର ସଂଘର ରାଷ୍ଟ୍ରୀୟ ସମ୍ମିଳନୀ

# ଶିଳ୍ପ ବଞ୍ଚାଇ ରଖିବାକୁ ଆହ୍ୱାନ

ଅନୁଗୋଳ ଅଫିସ, ୩।୨



ବୈଠକରେ ଉପସ୍ଥିତ ଅତିଥିବୃନ୍ଦଙ୍କ ସମେତ ଅନ୍ୟମାନେ।

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଖିଳ ଭାରତୀୟ ବିଡ଼ି ମଜଦୁର ମହାସଂଘର ୧୩ତମ ଦୁଇ ଦିନିଆ ରାଷ୍ଟ୍ରୀୟ ସମ୍ମିଳନୀ ଅନୁଗୋଳ ସରସ୍ୱତୀ ବିଦ୍ୟାମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ କେନ୍ଦ୍ର ସରକାରଙ୍କ ଜାତୀୟ ଶ୍ରମ ସଂସ୍ଥାର ନିର୍ଦ୍ଦେଶକ ଏନ୍.ଏମ୍ ରେହେମାନ ଉଦ୍‌ଘାଟନ କରିଥିଲେ। ବିଏମ୍‌ଏସ୍ ରାଷ୍ଟ୍ରୀୟ ଉପସଭାପତି ଜୟନ୍ତୀ ଲାଲ୍ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଡ଼ି ଶ୍ରମିକଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବିଦେଶୀ କମ୍ପାନୀର ସିଗାରେଟ, ଗୁଟ୍‌ଖା ଯୋଗୁ ସରକାର ବିଡ଼ି ଉତ୍ପାଦନକୁ ବନ୍ଦ କରିବାକୁ ଯୋଜନା କରୁଥିବା ଅତିଥିମାନେ ଅଭିଯୋଗ ଉଠାଇଥିଲେ। ତେଣୁ ସମସ୍ତ ଶ୍ରମିକ ଏକାଠି ହୋଇ ବିଡ଼ି ଶିଳ୍ପକୁ ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଥିଲେ। କୋଟି କୋଟି ବିଡ଼ି ଶ୍ରମିକଙ୍କ ରୋଜଗାର ଚାଲୁ ରଖିବା, ସମାନ ମଜୁରି ଓ ସରକାରଙ୍କ କଲ୍ୟାଣ ପାଣ୍ଠିରୁ ସେମାନଙ୍କୁ ସହାୟତା ଯୋଗାଇ ଦେବାକୁ ଏହି ଅବସରରେ ପ୍ରସ୍ତାବ ଗୃହୀତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏହି ସମ୍ବନ୍ଧରେ ସ୍ମାରକପତ୍ର ଦେଇ ଦାବି ହାସଲ ପାଇଁ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସଂଘର ନବ ନିର୍ବାଚିତ ସଭାପତି କେ.ଶ୍ରୀନିବାସ ସୂଚନା ଦେଇଛନ୍ତି।

ଏହି ଅବସରରେ ଆସନ୍ତା ୩ ବର୍ଷ ପାଇଁ ରାଷ୍ଟ୍ରୀୟ ପଦାଧିକାରୀମାନେ ନିର୍ବାଚିତ ହୋଇଥିଲେ। ସଭାପତି ଭାବେ କେ ଶ୍ରୀନିବାସ, ଉପସଭାପତି ଓମ୍‌ପ୍ରକାଶ ମାଥ୍ୟୁ, ଭିଭି ବାଲକ୍ରିଷ୍ଣନ, ବାସନ୍ତି ତୁମା, କାଣ୍ଡିଲାଲ୍ ବୁନ୍‌କର, ଲାଲାଜି ପାଶ୍ୱାନ, ସାଧାରଣ ସମ୍ପାଦକ ଉମେଶ ଭିସ୍‌ୱାର୍ଡ଼, ସମ୍ପାଦକ ଭିପଲ ରାଏ, ସୁଧୀର କୁମାର ଏମ୍, ରାଜକୁମାରୀ ଠାକୁର, ଶଶିକାନ୍ତ ନାୟକ, ନଳିନୀ ନିର୍ବାଚିତ ହୋଇଥିଲେ। କୋଷାଧକ୍ଷ ଭାବେ ବେବିରାଣୀ ଦେ, କମିଟିର ସଦସ୍ୟ ଅର୍ ଚୌରାଶିଆ, ଫିରାଜ ବିବି, ପି. କ୍ରିଷ୍ଣନ, ଗୋପାଲ କ୍ରିଷ୍ଣା, ଗୀତା ଧର୍ମରାଜ, ବସନ୍ତ, ସବିତା, ଅସିଫ ହୁସେନ୍, ପରମେଶ୍ୱର ଯାଦବ, ସିତାରାମ ସିଂ, ଭଗବାନ ସାହୁ, ଶ୍ରୀପତି ସାହୁ, ପବନ କୁମାର, ନିହାରେନ୍ଦୁ ଦତ୍ତ, ବିଦ୍ୟାଧର ବାରିକ, ଧର୍ମପାଳ ଚୌରାସିଆ ପ୍ରମୁଖ ମନୋନୀତ ହୋଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ବିନୟ କୁମାର ତ୍ରିପାଠୀ ସହଯୋଗ କରିଥିଲେ।




## କରଡ଼ାବାହାଲି ଚାମ୍ପିୟନ

ବଇଣ୍ଡା,୩।୨(ଡି.ଏନ.ଏ.)



ଆଠମଲ୍ଲିକ ବ୍ଲକ ପେଡ଼ିପଥର ପଞ୍ଚାୟତ ଅଚ୍ୟୁତାପୁର ଗ୍ରାମରେ ଚାଲିଥିବା ପ୍ରତାପପୁର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଅନ୍ତୁଳିଆକୁ ହରାଇ କରଡ଼ାବାହାଲି ଚାମ୍ପିୟନ ହୋଇଛି। ପ୍ରଥମେ କରଡ଼ାବାହାଲି ବ୍ୟାଟିଂ କରି ୨୩୭ ରନ କରିଥିଲା। ଜବାବରେ ଅନ୍ତୁଳିଆ ୧୦୯ ରନ କରି ପରାସ୍ତ ହୋଇଥିଲା। ବାବୁଲି ସାହୁ ମ୍ୟାନ ଅଫ ଦି ମ୍ୟାଚ ଓ ଅଜିତ୍ ପ୍ରଧାନ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଗୁଲୁନା ସାହୁ, ପ୍ରଶାନ୍ତ ସାହୁ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି କଂଗ୍ରେସ ନେତା ବିଜୟା ନନ୍ଦ ଚାଉଳିଆ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଭଗବାନ ସାହୁ, ଲକ୍ଷ୍ମୀଧର ବିଶ୍ୱାଳ, ଲୋଚନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ଏଞ୍ଜେଲ ଉଇଙ୍ଗସ୍ ପ୍ଲେ ସ୍କୁଲ ବାର୍ଷିକ ଉତ୍ସବ



ଉତ୍ସବରେ ଅତିଥିବୃନ୍ଦଙ୍କ ସମେତ ଅନ୍ୟମାନେ।

ଅନୁଗୋଳ ଅଫିସ, ୩।୨

ଅନୁଗୋଳ ଶିକ୍ଷକପଡ଼ା ରେଲ୍‌ୱେ ଷ୍ଟେଶନ ସ୍ଥିତ ଏଞ୍ଜେଲ ଉଇଙ୍ଗସ୍ ପ୍ଲେ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ଶାନ୍ତନୁ ସର, ଅନୁଗୋଳ ମହିଳା ମହାବିଦ୍ୟାଳୟ ଅଧକ୍ଷ ବିଭୂତି ଭୂଷଣ ମହାପାତ୍ର ଯୋଗଦେଇ କୁନିକୁନି ପିଲାମାନଙ୍କୁ ଦିଗଦର୍ଶନ ଦେଇଥିଲେ। ସ୍କୁଲ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକ ଓ ବିଷ୍ଣୁପ୍ରିୟାଙ୍କ ସହାୟତାରେ କୃତୀ ପିଲାଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସାହୁ, ମୋନାଲିସା ରାୟ, ରୀନାକୁମାରୀ ମହାକୁଡ଼, ଜୟଶ୍ରୀ ମହାପାତ୍ର, ସସ୍ମିତା ସିଂ ଓ ଅଞ୍ଜନା ଦାସ ପ୍ରମୁଖ ସାଂସ୍କୃତିକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। କାଜଲ ମହାନ୍ତି ମଞ୍ଚ ପରିଚାଳନା ଓ ଉପସ୍ଥାପନା କରିଥିଲେ। ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ତୃଣମୂଳସ୍ତରରୁ ଏକଜୁଟ ହେବାକୁ ଆହ୍ୱାନ

ବଇଣ୍ଡା,୩।୨(ଡି.ଏନ.ଏ.)

ନବୀନଙ୍କ ଲୋକପ୍ରିୟତା ସହ ସର୍ଭେ ରିପୋର୍ଟକୁ ନେଇ ବିରୋଧୀମାନେ ବିଚଳିତ ହୋଇପଡ଼ିଛନ୍ତି। ଆଗାମୀ ୨୦୧୯ରେ ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବାସହ ଓଡ଼ିଶାରେ ବିଜେଡି ସରକାର ଗଠନ କରିବ। ଏଣୁ ତୃଣମୂଳସ୍ତରରୁ ସମସ୍ତ କର୍ମୀ ଏକଜୁଟ ହୋଇ କାମ କରିବାକୁ ରବିବାର ଗାଁ ବଇଣ୍ଡାଠାରେ ବିଜେଡିର ୱାର୍ଡସ୍ତରୀୟ ବୈଠକ ଓ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ଯୋଗଦେଇ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଗାଁ ବଇଣ୍ଡା ସରପଞ୍ଚ ମାନସ ସାହୁଙ୍କ ସମେତ ବହୁ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ବୈଷ୍ଣବ ରଣା, ଦୟାନିଧି ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ରଞ୍ଜନ ବିଶ୍ୱାଳ, ଧୋବେଇ ବେହେରା, ଅରକ୍ଷିତ ସାହୁ, କୁଞ୍ଜ ବିହାରୀ ଦେହୁରିଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ବିଡିଓଙ୍କୁ ଦୁର୍ବ୍ୟବହାର ଅଭିଯୋଗ

# ଅଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ୍

ବଇଣ୍ଡା, ୩।୨(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ଯୁକ୍ତ ଦୁଇ କଲେଜର କ୍ରୀଡ଼ା ଅଧ୍ୟାପକ ଦିଲୀପ କୁମାର ମହାରଣା କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏ ନେଇ ବିଡିଓ ଗତ ଜାନୁୟାରୀ ୩୦ରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି। ଏହାର ଏକ ନକଲ ଉକ୍ତ କଲେଜ ଅଧକ୍ଷ, ଆଠମଲ୍ଲିକ ଉପଜିଲାପାଳ ଓ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ଚିଠି ନମ୍ବର ୧୭୮ ତା ୩୦।୧।୧୯ରେ ବିଡିଓ ଅଭିଯୋଗ କରିଛନ୍ତି ଯେ, କିଶୋରନଗର ବରପଡ଼ିଆଠାରେ ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟଅତିଥି ଆଠମଲ୍ଲିକ ବିଧାୟକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସେହି ଅବସରରେ ୧୭ ବର୍ଷରୁ କମ ରାଜ୍ୟସ୍ତରୀୟ କ୍ରିକେଟ୍ ଦଳରେ ଚୟନ ହୋଇଥିବା କିଶୋରନଗର ବ୍ଲକ ରଣିଆକଟା ହାଇସ୍କୁଲର ଛାତ୍ରୀ ବସୁମତି ନାୟକଙ୍କୁ ସମ୍ବର୍ଦ୍ଧିତ କରିବାକୁ ବିଡିଓ ଘୋଷଣା କରିଥିଲେ। ହେଲେ କ୍ରିଡ଼ା ଅଧ୍ୟାପକ ମହାରଣା ଏହାକୁ ବିରୋଧ କରିବା ସହ ଉକ୍ତ ମଞ୍ଚରେ ବିଡିଓଙ୍କ ଦୁର୍ବ୍ୟବହାର କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏ ସମ୍ପର୍କରେ କଲେଜର ଅଧକ୍ଷ ଶ୍ୟାମଲାଲ ପଟେଲ କୁହନ୍ତି, ବିଡିଓଙ୍କ ଅଭିଯୋଗପତ୍ର ପାଇବାପରେ କଲେଜ ପକ୍ଷରୁ କ୍ରୀଡ଼ା ଅଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏ ନେଇ କଲେଜ ପକ୍ଷରୁ ତଦନ୍ତ କରାଯିବ। ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ।

## ଡାକ୍ତରଖାନାରେ ୨ ଅନଶନକାରୀ

**ତାଳଚେର, ୩।୨(ନି.ପ୍ର.)–** ତାଳଚେର ସବ୍‌ଜେଲରେ ଅନଶନ ଚଳାଇଥିବା ୮୭ ଜଣ ଆନ୍ଦୋଳନକାରୀଙ୍କ ମଧ୍ୟରୁ ରବିବାର ୨ ଜଣ ଅସୁସ୍ଥ ହୋଇପଡିଥିଲେ। ସେମାନେ ହେଲେ ବିଜୟ ସାହୁ ଓ ସନ୍ତୋଷ ସେଠୀ। ଅବସ୍ଥା ଗୁରୁତର ହେବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

# ଏନ୍‌ଟିପିସିକୁ ହରାଇ ଅନୁଗୋଳ ଚାମ୍ପିୟନ

ଅନୁଗୋଳ ଅଫିସ, ୩।୨



ଚାମ୍ପିୟନ ଦଳ ଟ୍ରଫି ଓ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଅନୁଗୋଳ ସ୍ଥିତ ଖଲାରୀ ହାଇସ୍କୁଲ ପଡ଼ିଆରେ ପ୍ରଫୁଲ୍ଲ ମିଶ୍ର ସତ୍ୟନାରାୟଣ ମିଶ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଏସିସି ଅନୁଗୋଳ ଓ ଏନ୍‌ଟିପିସି ଟିମ୍ ମଧ୍ୟରେ ଖେଳା ଯାଇଥିଲା। ଅନୁଗୋଳ ପ୍ରଥମେ ବ୍ୟାଟିଂ କରି ୨୨୯ ରନ କରିଥିଲା। ତନ୍ମୟ ମହାନ୍ତି ସର୍ବାଧିକ ୭୯ ରନ କରିଥିଲେ। ଜବାବରେ ଏନ୍‌ଟିପିସି ୧୬୯ ରନ କରି ପରାଜିତ ହୋଇଥିଲା। ଅନୁଗୋଳର ଚିନ୍ମୟ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ, ଏନ୍‌ଟିପିସିର ସହଦେବ ଦେହୁରୀ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳକୁ ୧୫ ହଜାର ଓ ରନର୍ସ ଅପ୍ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଭବନାରାୟଣ ମିଶ୍ର ଓ ପପୁ ସାହୁ ଖେଳ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ସାହୁ ଓ ସୁଦର୍ଶନ ସାହୁ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟା ରୁବି ସାହୁ, ଶିବରାମ ଜେନା, ସାଗରନାଥ ମିଶ୍ର, ଲକ୍ଷ୍ମୀନାରାୟଣ ମିଶ୍ର, ଖଲାରୀ ସରପଞ୍ଚ କନ୍ଦର୍ପ ମହାରଣା, କରୁଣାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାମେଶ୍ୱର କ୍ରିକେଟ କ୍ଲବର ସଭାପତି ଶୁଭ୍ରାଂଶୁ ଶେଖର ସାହୁ, ସମ୍ପାଦକ ସୁଶୀଲ କୁମାର ସାହୁଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ